Chapter- 1

# ଜାତୀୟ ଧ୍ଵଜା ଆମ ଉଡଇ ଫରଫର !

**WORKSHEET**

**୧. ନିମ୍ନଅନୁଚ୍ଛେଦଟି ପଢି ଦିଆଯାଇଥିବା ପ୍ରଶ୍ନର ଉତ୍ତର ଲେଖ ।**

ଏକ ଗୁରୁକୁଳରେ ଶିକ୍ଷାଲାଭ କରୁଥିଲେ ଦୁଇଜଣ ଶିଷ୍ୟ । ଜଣଙ୍କର ନାମ ଶିଶିର ଓ ଅନ୍ୟ ଜଣଙ୍କର ନାମ ତୁଷାର । ଯଥା ସମୟରେ ସେମାନଙ୍କର ଗୁରୁକୁଳ ଶିକ୍ଷା ଶେଷ ହେଲା । ଗୃହକୁ ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ଶିଶିର ଓ ତୁଷାର ଗୁରୁଙ୍କୁ ସାକ୍ଷାତ କଲେ । ଗୁରୁଦକ୍ଷିଣା ଦେବା ପାଇଁ ନିଜ ନିଜର ଅଭିଳାଷ ଜଣାଇଲେ । ଶିଷ୍ୟ ଦୁହିଁଙ୍କର ନିଷ୍ଠାରେ ଗୁରୁ ଅତ୍ୟନ୍ତ ସନ୍ତୁଷ୍ଟ ଥିଲେ । ସେମାନଙ୍କ ପାଖରୁ କୌଣସି ଦକ୍ଷିଣା ଗ୍ରହଣ କରିବା ପାଇଁ ଗୁରୁ ଅନିଚ୍ଛା ପ୍ରକାଶ କଲେ । ଏଥିରେ ଶିଷ୍ୟ ଦୁହିଁଙ୍କର ମନ ବୁଝିଲା ନାହିଁ । ଗୁରୁଦକ୍ଷିଣା ନ ଦେଇ ଗୁରୁକୁଳରୁ ବିଦାୟ ନେବେ କିପରି ? ତେଣୁ କିଛି ହେଲେ ଦକ୍ଷିଣା ଗ୍ରହଣ କରିବା ପାଇଁ ସେମାନେ ଗୁରୁଙ୍କୁ ଅନୁରୋଧ କଲେ ।

ପ୍ରଶ୍ନ : - (କ) ଶିଷ୍ୟ ଦୁଇଜଣଙ୍କ ନାମ କ'ଣ ?

(ଖ) ଦୁଇଜଣ ଶିଷ୍ୟ କେଉଁଠି ଶିକ୍ଷାଲାଭ କରୁଥିଲେ ?

(ଗ) ଗୁରୁ କାହିଁକି ଅତ୍ୟନ୍ତ ସନ୍ତୁଷ୍ଟ ଥିଲେ ?

(ଘ) ଶିଷ୍ୟ ଦୁଇଜଣ ଗୁରୁଙ୍କୁ କ'ଣ ଅନୁରୋଧ କଲେ ?

(ଙ) "ଶେଷ" ର ବିପରୀତ ଶବ୍ଦ ଲେଖ ?

**୨. ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖ ।**

(କ) "ପ୍ରତିଜ୍ଞା କର ଭାଇ, ଯେଉଁଠି ଯିଏ ଅଛ ।"

(ଖ) କ'ଣ ପ୍ରତିଜ୍ଞା କରିବା ପାଇଁ କବିତାରେ କୁହାଯାଇଛି ?

(ଗ) ଉକ୍ତ ପଦ୍ୟାଂଶଟି କେଉଁ କବିତାରୁ ଆସିଅଛି ?

(ଘ) ଏହି କବିତାର କବିଙ୍କ ନାମ କଣ ?

ODM EDUCATIONAL GROUP Changing your Tomorrow

**୩.    ଗୋଟିଏ ବାକ୍ୟରେ ଉତ୍ତର ଦିଅ ।**

(କ) ଦେଶରେ କଳକାରଖାନା ଗଢିଉଠିଲେ ଆମର କଣ ସୁବିଧା ହେବ ?

(ଖ) କେଉଁ କ୍ଷେତ୍ରରେ ଆମେ ପଛରେ ରହିବା ନାହିଁ ବୋଲି ଧାରଣା ଦିଆଯାଇଛି ?

(ଗ) କାହା ଅଧିନରେ ଆମ ଦେଶ ଥିଲା ?

(ଘ) କେଉଁମାନେ ପ୍ରତିଜ୍ଞା କରିବା କଥା କବିତାରେ କୁହାଯାଇଛି ?

**୪.    ବାକ୍ୟଗଠନ କର ।**

ଜୀବନ, ସ୍ୱାଧୀନ, କାରିଗର

**୫.    ଗଦ୍ୟରୁ ପଦ୍ୟ ରୂପ ଲେଖ ।**

ପର୍ବ, ଯତ୍ନ, ରକ୍ତ, ଗୌରବ, ସୈନିକ

ODM EDUCATIONAL GROUP Changing your Tomorrow

***